# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 August - 2024

### News Editor : Tapan Kumar Moharana

*************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ତଦାରଖ ବୃତ୍ତି ଆଇନ୍-୨୦୨୧କୁ ଅକ୍ଟୋବର ୧୨ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଲେ ସର୍ବୋଚ୍ଚ ନ୍ୟାୟାଳୟ
- ନବନିର୍ବାଚିତ ବିଧାୟକଙ୍କ ପ୍ରଶିକ୍ଷଣ ଶିବିରରେ ଯୋଗଦେଲେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ସାଂସଦ ଭର୍ତ୍ତୃହରି ମହତାବ
- ଟିକାକରଣ ମାଧ୍ୟମରେ ଆସନ୍ତା ୨୦୩୦ ସୁଦ୍ଧା ଭାରତକୁ ପଶୁ ସମ୍ପଦର ପାଦ ଏବଂ ମୁଖ ରୋଗ - ଏଫ୍.ଏମ୍.ଡି ମୁକ୍ତ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସମ୍ଭାବନା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ସ୍ୱାସ୍ଥ୍ୟ ତଦାରଖ ଆଇନ

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ତଦାରଖ ବୃତ୍ତି ଆଇନ୍-୨୦୨୧କୁ ଅକ୍ଟୋବର ମାସ ୧୨ ତାରିଖ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ତଥା ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠଙ୍କ ଆଦେଶନାମା ଅନୁଯାୟୀ, ଆସନ୍ତା ୨ ସପ୍ତାହ ମଧ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆଭାସୀ ଜରିଆରେ ସମସ୍ତ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଇନ୍ କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୂଚନାଗୁଡ଼ିକୁ ଟେବୁଲ୍ ଫର୍ମାଟରେ ନ୍ୟାୟାଳୟ ସମ୍ମୁଖରେ ଉପସ୍ଥାପିତ କରିବେ।

ସୂଚନାଯୋଗ୍ୟ, ୨୦୨୩ ମସିହା ସେପ୍ଟେମ୍ବର ମାସ ୨୨ ତାରିଖରେ ଶୁଣାଣି ବେଳେ ଓଡ଼ିଶା ସମେତ ୧୪ଟି ରାଜ୍ୟରେ କାଉନ୍ସିଲ୍ ଗଠନ କରାଯାଇଥିଲେ ମଧ୍ୟ ଏହା ଉଚିତ୍ ଢଙ୍ଗରେ କାର୍ଯ୍ୟ କରୁନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଥିଲେ।

## ସେଣ୍ଟର-ହେଲ୍ଥ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଚାର ଆଲୋଚନା କରିବା ଲାଗି କେନ୍ଦ୍ର ସରକାର ଏକ କମିଟି ଗଠନ କରିବାର ପ୍ରସ୍ତାବ ଦେଇଥିଲେ। ଡାକ୍ତରୀ ସଂଘର ଦାବି

ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି । ଏଥିପାଇଁ କେନ୍ଦ୍ର ସରକାର’ ରାଜ୍ୟ ସରକାରଙ୍କଠାରୁ ପରାମର୍ଶ ଆହ୍ୱାନ କରିଛନ୍ତି । ସ୍ୱାସ୍ଥ୍ୟକର୍ମୀଙ୍କୁ ମୌଖିକ କିମ୍ବା ଶାରିରୀକ ହିଂସା ବିରୋଧରେ ୬ ଘଣ୍ଟା ମଧ୍ୟରେ ମାମଲା ରୁଜୁ କରିବାକୁ କେନ୍ଦ୍ର ସରକାର ସମସ୍ତ ସରକାରୀ ଡାକ୍ତରଖାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କିତ ଏକ ବିଜ୍ଞପ୍ତି ଗତ ଶୁକ୍ରବାର ଦିନ ଜାରି କରାଯାଇଛି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲା ରୁଜୁ କରିବା ଦାୟିତ୍ୱ ଅନୁଷ୍ଠାନ ମୁଖ୍ୟଙ୍କର ରହିବ ବୋଲି ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ।

## ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

ରାଜ୍ୟ ବିଧାନସଭାର ନବନିର୍ବାଚିତ ବିଧାୟକମାନଙ୍କର  ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନରେ ଆଜି ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ କଟକ ସାଂସଦ ଭର୍ତ୍ତୃହରି ମହତାବ ଗଣତନ୍ତ୍ରରେ ଗୃହର କାର୍ଯ୍ୟକାରିତା ନେଇ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ବିଧାୟକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ ସହିତ ଗୃହର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି । କେନ୍ଦ୍ର ସଂସଦୀୟ ବ୍ୟପାର ମନ୍ତ୍ରୀ କିରଣ ରିଜିଜୁ ଗତକାଲି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ବିଧାୟକମାନଙ୍କର ଶୃଙ୍ଖଳିତ ଆଚରଣ, ଉଚ୍ଚାରଣ ଏବଂ ଉତ୍ତମ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥାଏ। ନବ ନିର୍ବାଚିତ

ବିଧାୟକମାନଙ୍କ ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ବିକଶିତ ଭାରତବର୍ଷର ଏକ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ବିଧାୟକମାନଙ୍କୁ ଆହ୍ୱାନ ଦେଇଥିଲେ।

# ବିଜେପି ମେମ୍ବରସିପ୍ ଡ୍ରାଇଭ୍ସ

ଭାରତୀୟ ଜନତା ପାର୍ଟି ଆସନ୍ତା ପହିଲାରୁ ନୂଆ ସଦସ୍ୟତା ଅଭିଯାନ ଆରମ୍ଭ କରିବ । ଏହା ଅଧୀନରେ ୧୦କୋଟିରୁ ଅଧିକ ଲୋକଙ୍କୁ ଦଳରେ ସଦସ୍ୟଭାବେ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି । ନୂଆଦିଲ୍ଲୀଠାରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସେ କହିଛନ୍ତି ବିଧାନସଭା ନିର୍ବାଚନ ଘୋଷଣା ହୋଇଥିବା ରାଜ୍ୟଗୁଡ଼ିକରେ ଏହି ଅଭିଯାନ ନିର୍ବାଚନ ପରେ ଆରମ୍ଭ କରାଯିବ। ଦଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏହାର ଆଦର୍ଶକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ପାତ୍ର କହିଛନ୍ତି । ସଭାପତି ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ ଶାହାଙ୍କ ସମେତ ଦଳର ଅନ୍ୟାନ୍ୟ ଶୀର୍ଷ ନେତୃମଣ୍ଡଳୀ ଯୋଗ ଦେଇଥିଲେ ।

## ବନ୍ଦ ରହିବ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆସନ୍ତାକାଲି ଏବଂ ଚଳିତମାସ ୨୬ ତାରିଖ ଦିନ  ବନ୍ଦ ରହିବ। ସରକାରୀ ଛୁଟି ଥିବାରୁ ଏହି ଦିନରେ ଜନ ଅଭିଯୋଗ

ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଇନ୍‌ସେବା ପ୍ରାଧିକରଣ

ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ କଟକସ୍ଥିତ ଜୁଡିସିଆଲ୍ ଏକାଡେମୀ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଆଇନ୍‌ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଞ୍ଜୀବ୍ ଖାନ୍ନା ଯୋଗଦେଇ ଅବହେଳିତଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବମାନଙ୍କୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଆଇନ୍‌ସେବା ପ୍ରାଧିକରଣର ପୃଷ୍ଠପୋଷକ ତଥା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କହିଛନ୍ତି, ଆଇନ୍‌ସେବା ପ୍ରାଧିକରଣ ମାଧ୍ୟମରେ ସମାଜର ଅଭାବୀ ଏବଂ ଅବହେଳିତ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ଏହି କାର୍ଯ୍ୟକ୍ରମରେ ଆଇନ୍‌ସେବା ପ୍ରାଧିକରଣର ସଚିବ ଓ ଅଧିକାରୀଙ୍କ ସମେତ ବିଚାରପତିମାନେ ଯୋଗଦେଇଥିଲେ।

## ଗଭ୍-ଏଫ୍‌ଏମ୍‌ଡି ମୁକ୍ତ ଭାରତ

ଟିକାକରଣ ମାଧ୍ୟମରେ ଆସନ୍ତା ୨୦୩୦ ସୁଦ୍ଧା ଭାରତରୁ ପଶୁ ସମ୍ପଦର ପାଦ ଏବଂ ମୁଖ ରୋଗ - ଏଫ୍.ଏମ୍.ଡିକୁ ମୁଳୋତ୍ପାଟନ କରିବାଲାଗି ଲକ୍ଷ୍ୟ ରଖାଯାଇଛି । ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି

ଭାରତୀୟ ଅର୍ଥନୀତି ପାଇଁ ପଶୁସମ୍ପଦର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଏଫ୍‌ଏମ୍‌ଡି ମୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ସେ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି ।

ସେ କହିଛନ୍ତି ଏଫ୍‌ଏମ୍‌ଡିକୁ ପ୍ରତିହତ କରିବା ସହ ପଶୁସମ୍ପଦ କ୍ଷେତ୍ରର ଅଭିବୃଦ୍ଧି କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଉଛି । ଆଇ.ସି.ଏ.ଆର୍ ଦ୍ୱାରା ବିକଶିତ ଏବଂ ଘରୋଇ ସ୍ତରରେ ଏହି ପଶୁ ଟୀକାର ଉତ୍ପାଦନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଟୀକାଯୋଗାଣ ଇତିମଧ୍ୟରେ ଆରମ୍ଭ ହୋଇସାରିଛି ବୋଲି ସେ ସୂଚନା ଦେଇଛନ୍ତି ।

## ପାସିଂଆଉଟ୍ ପରେଡ୍

କଟକ ମୁଣ୍ଡଳିସ୍ଥିତ ସି.ଆଇ.ଏସ୍.ଏଫ୍. ଖାରବେଳ ଆଂଚଳିକ ତାଲିମ୍ କେନ୍ଦ୍ରରେ ୪୬ତମ କନେଷ୍ଟବଲ ବ୍ୟାଚର ପାସିଂଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କୋଲକତା ସି.ଆଇ.ଏସ୍.ଏଫ୍.ର ମହାନିରୀକ୍ଷକ ଶିଖର ସହାୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଦେଶର ସମ୍ବିଧାନ ପ୍ରତି କର୍ତ୍ତବ୍ୟନିଷ୍ଠ ହେବା ପାଇଁ କହିଥିଲେ । ଏହି ଅବସରରେ ସେ ପ୍ରଶିକ୍ଷାର୍ଥୀମାନଙ୍କୁ ଶପଥପାଠ କରାଇବା ସହିତ ପାସିଂଆଉଟ୍ ପରେଡ୍‌ର ସମୀକ୍ଷା କରିଥିଲେ । ସୂଚନା ଅନୁଯାୟୀ, ୪୩ ସପ୍ତାହ ଧରି ୯୨୨ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

## ଜମିପଟ୍ଟା ବଣ୍ଟନ

ଭଦ୍ରକ ଜିଲ୍ଲା ତିହିଡି ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ତିହିଡି ବ୍ଲକ୍‌ର ୬୪ଟି ବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ବଣ୍ଟନ କରାଯାଇଛି।  ପ୍ରଥମ ପର୍ଯ୍ୟାୟରେ ୨୨ଟି ପ୍ରାଥମିକ ବିଦ୍ୟାଳୟ ଏବଂ ୪୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ପଟ୍ଟା ମିଳିଛି। ପୂର୍ବରୁ ବିଦ୍ୟାଳୟଗୁଡ଼ିକ ପଟ୍ଟା ପାଇ ନଥିବାରୁ ତହସିଲ୍ ପକ୍ଷରୁ କ୍ଷେତ୍ରୀୟ ତଦନ୍ତ ପରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି।

## ଓରମାସ

**ନୂଆପଡା** ଜିଲ୍ଲା ସଦର ମହକୁମାସ୍ଥିତ ମିଶନ୍ କାଫେଠାରେ ମିଶନ୍‌ଶକ୍ତି ମହିଳାମାନଙ୍କ ଦ୍ୱାରା ରାକ୍ଷୀ ପ୍ରସ୍ତୁତ ହୋଇ ବିକ୍ରି କରାଯାଉଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଓରମାସ୍ ପକ୍ଷରୁ ସେମାନଙ୍କୁ ତାଲିମ୍ ଦିଆଯାଇ ଅତ୍ୟାଧୁନିକ ରାକ୍ଷୀ, ଚାବି ରିଂ, କପ୍ ଆଦି ତିଆରି କରି ବିକ୍ରି କରାଯାଉଛି। ଆଗାମୀ ଦିନରେ ଜିଲ୍ଲାର ୫ ଗୋଟି ବ୍ଲକରେ ଓରମାସ୍ ପକ୍ଷରୁ ଦୋକାନ ଖୋଲାଯିବ ବୋଲି ଜଣାପଡିଛି।

**ନୂଆପଡ଼ା** ଜିଲ୍ଲା ଖରିଆର ରୋଡସ୍ଥିତ ଗଣପତି ପ୍ୟାଲେସ୍‌ରେ ଏଞ୍ଜଲିନା ଉଦ୍ୟୋଗର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଅଛି। କୁଟୀରଶିଳ୍ପକୁ ପ୍ରୋତ୍ସାହନ ଦ୍ୱାରା ଗ୍ରାମାଞ୍ଚଳର ବେକାର ଯୁବକ-ଯୁବତୀ ଆତ୍ମନିର୍ଭଶୀଳ ହୋଇ ସଫଳ ଉଦ୍ୟୋଗୀ ରୂପେ ପରିଚୟ ପାଇପାରିଛନ୍ତି ବୋଲି ଉଦ୍ୟୋଗର ପଶ୍ଚିମ ଓଡ଼ିଶା ମୁଖ୍ୟ ପାୟଲ ମିଶ୍ର କହିଛନ୍ତି।

## ବିଶ୍ୱ ଆଥଲେଟିକ୍ ଚାମ୍ପିଅନ୍‌ସିପ

ପେରୁ'ର ରାଜଧାନୀ ଲିମାଠାରେ ହେବାକୁ ଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାର କ୍ରୀଡାବିତ୍ ବାପି ହାଂସଦା ଭାଗ ନେବେ। ଚଳିତ ମାସ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିଅନ୍‌ସିପ୍ ପାଇଁ ୪୩ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ପୁରୁଷ ବର୍ଗରେ ୨୩ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ଏହି ଚାମ୍ପିଅନ୍‌ସିପ୍‌ରେ ୧୩୪ ଟିମ୍‌ରୁ ୧୭ ଶହ ରୁ ଊର୍ଦ୍ଧ୍ୱ ଆଥଲେଟ୍ ଭାଗ ନେବେ ବୋଲି ଜଣାପଡିଛି।

## ବଜ୍ରପାତ

**କେନ୍ଦ୍ରାପଡ଼ା** ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅର୍ନ୍ତଗତ ଦୋଷିଆ ପଂଚାୟତରେ ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବାସୁଦେବପୁର ଗ୍ରାମର ଏହି ଦୁଇଜଣ ବ୍ୟକ୍ତିଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାର କେତେକ ସ୍ଥାନରେ ଗତକାଲି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪

ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଯାଜପୁର ଜିଲ୍ଲାର ଦାନଗଦିରେ ସର୍ବାଧିକ ୬୧ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

ଅନ୍ୟପକ୍ଷରେ, ଜୁନ୍ ପହିଲାରୁ ଏପର୍ଯ୍ୟନ୍ତ ରାଜ୍ୟରେ ୬୮୬ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି । ଯାହାକି ସ୍ୱାଭାବିକ୍ ବର୍ଷା ତୁଳନାରେ ୧୧ ପ୍ରତିଶତ କମ ଥିବା ପାଣିପାଗ କେନ୍ଦ୍ର କହିଛି ।

*********************************